ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/CEO(Od)/245/22-02-2024**

# ଭୋଟରମାନଙ୍କ ପାଇଁ ଇଭିଏମ୍/ଭିଭିପ୍ୟାଟ୍ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୨/୦୨/୨୦୨୪:

ରାଜ୍ୟରେ ଆଗାମୀ ଦିନରେ ଏକକାଳୀନ ହେବାକୁ ଥିବା ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ଭୋଟରଙ୍କୁ ସଚେତନ କରିବା ନିମନ୍ତେ ମୁଖ୍ୟ ନିର୍ବାଚନ କାର୍ଯ୍ୟାଳୟ ତରଫରୁ ଇଭିଏମ୍/ଭିଭିପ୍ୟାଟ୍‌ର ସଚେତନତା କାର୍ଯ୍ୟକ୍ରମ ସାରା ରାଜ୍ୟରେ ଆରମ୍ଭ ହୋଇଛି । ପ୍ରତ୍ୟେକ ଜିଲ୍ଲାର ଜିଲ୍ଲା ସଦର ମହକୁମା ଓ ଉପଖଣ୍ଡ ସ୍ତରରେ ଇଭିଏମ୍/ଭିଭିପ୍ୟାଟ ସଚେତନତା କେନ୍ଦ୍ର ଖୋଲାଯାଇଛି । ଏହିସବୁ ସଚେତନତା କେନ୍ଦ୍ରକୁ ଭୋଟରମାନେ ବହୁସଂଖ୍ୟାରେ ଆସି ଇଭିଏମ୍/ଭିଭିପ୍ୟାଟ୍ ମେସିନ୍ ଦେଖିବା ସହ 'ମକ୍ ପୁଲ୍'ରେ ଅଂଶଗ୍ରହଣ କରୁଛନ୍ତି । ବିଶେଷ କରି ନୂତନ ଯୁବଭୋଟରମାନେ ବହୁସଂଖ୍ୟାରେ ଆସି ମକ୍ ପୁଲ୍‌ରେ ଅଂଶଗ୍ରହଣ କରୁଥିବା ଲକ୍ଷ୍ୟ କରାଯାଇଛି । ଆଗାମୀ ନିର୍ବାଚନରେ ଇଭିଏମ୍/ଭିଭିପ୍ୟାଟ୍ ମାଧ୍ୟମରେ ଭୋଟଗ୍ରହଣ କରାଯିବ । ଏହାକୁ ନଜରରେ ରଖି ଭୋଟରମାନେ ଏହି ସଚେତନତା କାର୍ଯ୍ୟକ୍ରମ ଦେଖିବା ସହ 'ମକ୍ ପୁଲ୍'ରେ ଅଂଶଗ୍ରହଣ କରିବା ଦ୍ୱାରା ଆଗାମୀ ନିର୍ବାଚନରେ ସଠିକ୍ ଓ ସହଜରେ ମତଦାନ କରିପାରିବେ । ଜିଲ୍ଲା ଓ ଉପଖଣ୍ଡ ସ୍ତରରେ ଖୋଲାଯାଇଥିବା ଇଭିଏମ୍/ଭିଭିପ୍ୟାଟ୍ ସଚେତନତା କେନ୍ଦ୍ରକୁ ଫେବୃଆରୀ ୧୮ ତାରିଖ ସୁଦ୍ଧା ମୋଟ ୧୨୫୯୯୦ ଜଣ ପରିଦର୍ଶନ କରିଥିବାବେଳେ ୧୧୮୨୪୭ ଜଣ ଭୋଟର 'ମକ୍ ପୁଲ୍'ରେ ଅଂଶଗ୍ରହଣ କରିଥିଲେ । ସେହିପରି ରାଜ୍ୟର ସବୁ ନିର୍ବାଚନ ମଣ୍ଡଳୀରେ ବୁଥ୍ ହୋଇଥିବା ସ୍ଥାନରେ ମଧ୍ୟ ମୋବାଇଲ୍ ଇଭିଏମ୍/ଭିଭିପ୍ୟାଟ୍ ଗାଡ଼ି ଉପସ୍ଥିତ ରହି ଭୋଟରମାନଙ୍କୁ ସଚେତନ କରୁଅଛି । ଫେବୃଆରୀ ୧୮ ତାରିଖ ସୁଦ୍ଧା ମୋଟ ୩୦୬୮୮ ଗୋଟି ଭୋଟଗ୍ରହଣ କେନ୍ଦ୍ର ସ୍ଥାନରୁ ୨୬୪୫୪ ଗୋଟି ଭୋଟଗ୍ରହଣ କେନ୍ଦ୍ର ସ୍ଥାନରେ ଇଭିଏମ୍/ଭିଭିପ୍ୟାଟ୍ ସଚେତନତା କାର୍ଯ୍ୟକ୍ରମ ସରିଛି ଓ ଅବଶିଷ୍ଟ ସ୍ଥାନରେ ଚଳିତ ମାସ ଶେଷ ସୁଦ୍ଧା ସଚେତନତା କାର୍ଯ୍ୟକ୍ରମ ଶେଷ ହେବ ।

ପ୍ରଫୁଲ୍ଲ କୁମାର ମଲ୍ଲିକ
ଲୋକସମ୍ପର୍କ ଅଧିକାରୀ